ପ୍ରମେୟ

ବୁଧବାର, ୩ ଜୁଲାଇ ୨୦୧୯

# ସିଏମ୍ଏ ଭବନରେ ଜିଏସ୍ଟି ଦିବସ




ଭୁବନେଶ୍ୱର,୨୭(ବ୍ୟୁରୋ): ଇନ୍ଷ୍ଟିଚ୍ୟୁଟ୍ ଅଫ୍ କଷ୍ଟ ଆକାଉଣ୍ଟାଣ୍ଟ ଅଫ୍ ଇଣ୍ଡିଆ (ଆଇସିଏଆଇ) ଭୁବନେଶ୍ୱର ଚାପ୍ଟର ପକ୍ଷରୁ ସୋମବାର ଦ୍ରବ୍ୟ ଓ ସେବା କର (ଜିଏସ୍ଟି) ଦିବସ ପାଳିତ ହୋଇଯାଇଛି। ଏଥିରେ ସିଜିଏସ୍ଟି ଉପାୟୁକ୍ତ ଅନ୍ନେ ଏମ୍ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଏସ୍ଟିର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଏ ଅବସରରେ ଆୟୋଜିତ ପ୍ୟାନେଲ ଆଲୋଚନାଚକ୍ରରେ ବରିଷ୍ଠ ଓକିଲ (ଜିଏସ୍ଟି ଓ ବହିଃଶୁଳ୍କ) ରମେଶ ଚନ୍ଦ୍ର ଜେନା, ଟାଟା ସ୍ପଞ୍ଜ ଆଇରନ୍ର ଡେପୁଟି ଡିଭିଜନାଲ ମ୍ୟାନେଜର ଦେବନାଥ ମୁଖୋପାଧ୍ୟାୟ ଜିଏସ୍ଟିର ବିଶ୍ଳେଷଣ କରିବା ସହ ଏଥିରେ ରହିଥିବା ବିଭିନ୍ନ ଅବୁଝା ବିଷୟ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇସିଏଆଇ ଭୁବନେଶ୍ୱର ଚାପ୍ଟର ଅଧ୍ୟକ୍ଷ ଶକ୍ତିଧର ସିଂହ, ଉପାଧ୍ୟକ୍ଷ ତାପସ ରଞ୍ଜନ ସ୍ୱାଇଁ, ପିଜିସିଆଇଏଲ୍ ଅର୍ଥ ପ୍ରବନ୍ଧକ ଦୀପକ ରଞ୍ଜନ କର, ଆଇସିଏଆଇ ପିଡି କମିଟି ସଦସ୍ୟ ଅଜୟ କୁମାର ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

Scanned by CamScanner